This Question Paper consists of **11** questions and **5** printed pages.

ଏହି ପ୍ରଶ୍ନପତ୍ରରେ ମୋଟ **11** ଟି ପ୍ରଶ୍ନ ଅଛି ଏବଂ **5** ଟି ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** କୋଡ୍ ନମ୍ବର୍ **68/SS/O/OR**

**SET** **A**

# ODIA

# (ଓଡ଼ିଆ)

# (305)

**Day and Date of Examination :** ______________________

ପରୀକ୍ଷାର ଦିନ ଓ ତାରିଖ

**Signature of Invigilators :** 1. ______________________

ନିରୀକ୍ଷକଙ୍କ ସ୍ୱାକ୍ଷର

2. ______________________

---

**ସାଧାରଣ ନିର୍ଦ୍ଦେଶାବଳୀ :**

**1.** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର (Roll Number) ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2.** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3.** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4.** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5.** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6.** ପ୍ରଶ୍ନପତ୍ରର କୋଡ୍ ନମ୍ବର **68/SS/O/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



Unnati Educations
9899436384, 9654279279

# ODIA

# (ଓଡ଼ିଆ)

# (305)

ସମୟ : **3** ଘଣ୍ଟା ] [ ଅଧିକତମ ମୂଲ୍ୟାଙ୍କ : **100**

**ନିର୍ଦ୍ଦେଶ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।

Note : (i) Answers of all questions are to be given in the Answer-Book given to you.

(ii) 15 minutes time has been allotted to read this question paper. The question paper will be distributed at 02.15 p.m. From 02.15 p.m to 02.30 p.m, the students will read the question paper only and will not write any answer on the answer-book during this period.

## ବିଭାଗ - କ

**1.** ନିମ୍ନଲିଖିତ ସମସ୍ତ ପ୍ରଶ୍ନର ଉତ୍ତର ଦିଅ । **1x20=20**

(କ) ନାରସେନା ନାଇଡୁ କେତେବର୍ଷର ତରୁଣ ?
(୧୨, ୧୩, ୧୪, ୧୫)

(ଖ) ମୁଁ __________ ମାଆ, ମୋତେ ଛୁଇଁଲେ ଜାତିଯିବ ।
(ବିଦେଶୀ, ଅଜାତିଆ, ଦେଶଦ୍ରୋହୀ, ଗୋବଧକାରୀ)

(ଗ) 'ଅବଦିଗନ୍ତ' ଉପନ୍ୟାସର ସ୍ରଷ୍ଟା କିଏ ?
(ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ସୁରେନ୍ଦ୍ର ମହାନ୍ତି, ଭୁବନେଶ୍ୱର ବେହେରା)

(ଘ) ଏ ଦେଶ ଆମର, ବ୍ରିଟିଶ୍ __________ ପାଇଁ ସ୍ଥାନ ଏଠି ନାହିଁ ।
(ସରକାର, ସାହେବ, ଗୋଲାମ, ଆଇନ)

(ଙ) ଡ୍ରାଇଭର କ'ଣ ପିନ୍ଧିଥିଲା ?
(ଜୋତା, ବେଲ୍ଟ, ଟୋପି, ଧୋତି)

(ଚ) କାର୍‌ରେ କିଏ ବୁଲାଇଲେ ।
(ଅଧ୍ୟକ୍ଷ, ଲେଖକ, ସହକର୍ମୀ ଅଧ୍ୟାପକ, ଡ୍ରାଇଭର)

(ଛ) କେଉଁ ଦେଶର କଥା 'ପଶ୍ଚିମ ଆଫ୍ରିକାରେ ଓଡିଆ ଢେଙ୍କି' ପୁସ୍ତକରେ ଲେଖାଯାଇଛି ?
(ଆମେରିକା, ଜାପାନ୍, ଆଫ୍ରିକା, ଗ୍ରୀସ୍)

(ଜ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ __________ ରହିଛି ।
(ମାଂସପେଶୀ, ରକ୍ତ, ହାଡ଼, ଇଂଜିନ୍)

(ଝ) ନାନା ଟିପ୍ପଣୀ କାଟନ୍ତି, କଟା ଘା'ରେ __________ ଦିଅନ୍ତି ।
(ରଙ୍ଗ, ମଲମ, ଚୂନ, ଔଷଧ)

(ଞ) କେବେ ପ୍ରଥମେ ଉତ୍କଳ ସମ୍ମିଳନୀ ବସିଥିଲା ?
(୧୮୦୩, ୧୯୦୩, ୧୯୩୩, ୧୯୩୬)



Unnati Educations
9899436384, 9654279279

(ଟ) 'ଉତ୍କଳ ସନ୍ତାନ' କବିତାର କବିଙ୍କର ନାମ ଲେଖ ।
(ମଧୁସୂଦନ ରାଓ, ମଧୁସୂଦନ ଦାସ, ମଧୁସୂଦନ ମିଶ୍ର, ମଧୁସୂଦନ ରଥ)

(ଠ) ତୋଷାମୋଦିଆର __________ ପ୍ରକୃତି ।
(ଘୁଷୁରୀ, ମାଙ୍କଡ଼, କୁକୁର, ଗଧ)

(ଡ଼) ଓଡ଼ିଆ ସାହିତ୍ୟରେ ନାରୀ କବି ଭାବରେ କିଏ ପରିଚିତ ?
(ସରଳା ଦେବୀ, ରମାଦେବୀ, ବିଦ୍ୟୁତ୍ ପ୍ରଭା, କୁନ୍ତଳା କୁମାରୀ)

(ଢ଼) ଗ୍ରାମପଥ କଡ଼େ କଡ଼େ କ'ଣ ଥାଏ ?
(କ୍ଷେତ, ଗଛ, ନଈ, ପର୍ବତ)

(ଣ) ଆସିବା ଜନର ସାକ୍ଷୀ __________ ଫେରିବା ଜନର ବନ୍ଧୁ ।
(ଘାଟ, ଏଇପଥ, ପଥିକ, ବୃକ୍ଷ)

(ତ) ନବଘନ ବାବୁ କେଉଁ ବିଭାଗରେ ଚାକିରୀ କରୁଥିଲେ ?
(ବିକ୍ରୀକର, ବାଣିଜ୍ୟ କର, ଟିକସ ବିଭାଗ, ଡାକ୍ତରୀ ବିଭାଗ)

(ଥ) ବୁଢ଼ା ବୟସରେ ପ୍ରଭାକର କେଉଁଠିକୁ ଦୌଡୁଛନ୍ତି ?
(ଘରକୁ, ହାଟକୁ, ଗାଁର ପାଣି-କାଦୁଅକୁ, ସହରକୁ)

(ଦ) ଅକ୍ଷୟ ତୃତୀୟା __________ ଭିତ୍ତିକ ପର୍ବ ।
(ଧର୍ମ, କୃଷି, କଳା, ସଂସ୍କୃତି)

(ଧ) ଓଡ଼ିଆ ଭାଷାରେ ପ୍ରଥମ ସମ୍ବାଦପତ୍ର କେଉଁଟି ?
(ନବରବି, ଡଗର, ଆସନ୍ତା କାଲି, ଉତ୍କଳ ଦୀପକା)

(ନ) 'ସକାଳର ମେଘ' କାହାର ରଚନା ?
(ରମେଶ ପାଣିଗ୍ରାହୀ, ନାରାୟଣ ସାହୁ, ବିଜୟ ମିଶ୍ର, ଶଙ୍କର ତ୍ରିପାଠୀ)

## ବିଭାଗ - ଖ

**2.** (କ) ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । **1x5=5**

(i) ସନନ୍ଦ ପତ୍ର ଉପରେ କ'ଣ ମାଡ଼ିଯାଇଥିଲା ?

(ii) ଆକୁଳି କିଏ ?

**କିମ୍ବା**

(iii) ସନ୍ୟାସୀ ସେ କି ବିତରୀ କରୁଣ ଧନ - କାହା ଉଦ୍ଦେଶ୍ୟରେ କୁହାଯାଇଛି ?

(iv) ଜାତିକୁ କବି କାହା ସହିତ ତୁଳନା କରିଛନ୍ତି ?

(v) ପଦ୍ମ ଓ ମୁକ୍ତା କେଉଁଠାରେ ସୃଷ୍ଟି ହୁଅନ୍ତି ?

(ଖ) ଅନୁଚ୍ଛେଦଟି ପାଠକରି ନିର୍ଦ୍ଦେଶ ମୁତାବକ ପ୍ରଶ୍ନର ଉତ୍ତର ଦିଅ । (୨ ଟିର) **1x2=2**

ମଣିଷ ବଞ୍ଚିରହିବା ପାଇଁ ଯେଉଁ କେତେଗୁଡ଼ିଏ ଜିନିଷର ଆବଶ୍ୟକତା ରହିଛି, ତନ୍ମଧ୍ୟରୁ ପରିବେଶ ଅନ୍ୟତମ । ବାୟୁ, ଉତ୍ତାପ, ଆଲୋକ, ଜଳ ବ୍ୟତିରେକେ ମଣିଷ ବଞ୍ଚି ରହିବା ଅସମ୍ଭବ । ଯେଉଁ ପ୍ରକୃତିର ସହାୟତାରେ ମଣିଷର ଜୀବନ ସୁସ୍ଥ, ସୁନ୍ଦର ହୋଇଥିଲା, ଆଜି ତାକୁ ନିଃଶେଷ କରି ମଣିଷ ନିଜେ ନିଃସ୍ୱ ହୋଇଯାଇଛି । ତା'ର ଭବିଷ୍ୟତ ଅନ୍ଧକାରମୟ ।

(i) ମଣିଷ କାହା ବିନା ବଞ୍ଚିବା ଅସମ୍ଭବ ?

(ii) କାହା ସହାୟତାରେ ମଣିଷ ସୁସ୍ଥ, ସୁନ୍ଦର ଜୀବନ ବିତାଏ ?



Unnati Educations
9899436384, 9654279279

(ଗ) ସଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର । 1x1=1

_____________ଭାରତୀୟ ସମାଜ ପାଇଁ ଏକ ବଡ଼ କଳଙ୍କ ।

(ରାଜନୀତି, ନିରକ୍ଷରତା, ସାକ୍ଷରତା, ବେକାରୀ)

(ଘ) **'କ'** ସ୍ତମ୍ଭ ସହିତ **'ଖ'** ସ୍ତମ୍ଭ ମିଳନ କର । 1x4=4

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (i) | ପତାକା ଉତ୍ତୋଳନ | (i) | ନାରସେନା |
| (ii) | ଜାତିର ଧକ୍କା | (ii) | ଆକୁଳି |
| (iii) | ଭୂତମାନେ କ'ଣ କରନ୍ତି ? | (iii) | ଅରୁଣ |
| (iv) | ରାଜପଥ ଗ୍ରାମପଥ | (iv) | ପ୍ରଭାକର |

## ବିଭାଗ - ଗ

**3.** ନିମ୍ନଲିଖିତ ୫ ଟି ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ । 1x5=5

(କ) ଆସ୍ଥା

(ଖ) କର୍ମୀ

(ଗ) ଦୋଷୀ

(ଘ) ଆବାହନ

(ଙ) ଅନୁରାଗ

**4.** ନିମ୍ନଲିଖିତ ମଧ୍ୟରୁ ୫ ଟି ଶବ୍ଦର ଶୁଦ୍ଧରୂପ ଲେଖ । 1x5=5

(କ) ବିଷର୍ଣ୍ଣ

(ଖ) ଭୌଗଳିକ

(ଗ) ମାମୁଁ

(ଘ) ସାହାର୍ଯ୍ୟ

(ଙ) ତୃଟି

(ଚ) ସଂଜମ

**5.** ନିମ୍ନଲିଖିତ ୫ ଟି ଶବ୍ଦର ବିଶେଷ୍ୟ, ବିଶେଷଣ ଚିହ୍ନାଇ ଦିଅ । 1x5=5

(କ) ବାଣିଜ୍ୟ

(ଖ) ନୈଷ୍ଠିକ

(ଗ) ପାରସ୍ପରିକ

(ଘ) କୁଳ

(ଙ) ଅନୁରାଗ

**6.** ନିମ୍ନଲିଖିତ ୩ ଟି ରୂଢ଼ିକୁ ବାକ୍ୟରେ ପ୍ରୟୋଗ କର । 1x3=3

(କ) କପାଳ ଫିଟିବା

(ଖ) ଚିତା କାଟିବା

(ଗ) ଅନ୍ଧ ବୁଝାମଣା



Unnati Educations
9899436384, 9654279279

## ବିଭାଗ - ଘ

7. ଯେକୌଣସି ୧୦ ଟି ପ୍ରଶ୍ନର ଉତ୍ତର ଦିଅ । 2x10=20

(କ) କିଏ କେଉଁଠାରେ ଗୋପନରେ ଫୁଟିଛି ?
(ଖ) ନବଘନକୁ ହେମାଙ୍ଗିନୀର କେଉଁକଥା ଭଲଲାଗେନା ?
(ଗ) 'ହାଏରେ ହତଭାଗା ସଭ୍ୟତା' - ଏହା କିଏ କାହାକୁ କହିଛି ?
(ଘ) ନାରସେନାର ଜାତି କାହିଁକି ଚାଲିଗଲା ?
(ଙ) ରାୟବାହାଦୂର ରାତିସାରା ଚେଇଁଲେ କାହିଁକି ?
(ଚ) ଅଚଳନ୍ତି ଚଳନ୍ତି କରିବାକୁ ହେଲେ କ'ଣ କରିବାକୁ ପଡ଼ିବ ?
(ଛ) ସହରରେ ଭୂତ ଥିବାର ପ୍ରମାଣ ଅଧ୍ୟକ୍ଷ କେମିତି ଦେଲେ ?
(ଜ) ସମସ୍ତେ ତ ଏକା ଲାଉର ମଂଜି - କେଉଁମାନେ ?
(ଝ) କିଏ ଗଙ୍ଗାଠାରୁ ଗୋଦାବରୀ ଜୟ କରିଥିଲେ ?
(ଞ) ତୋଷାମୋଦକାରୀର ପ୍ରକୃତି କିପରି ?
(ଟ) ଗାଁ ଭୂଆଷୁଣୀମାନେ କିପରି ସ୍ନାନ କରନ୍ତି ?
(ଠ) ଏଗୁଡ଼ାକ ମଣିଷ ହେବେନି କିଏ କାହାକୁ କହିଛି ?

8. ଯେକୌଣସି ୫ ଟି ପ୍ରଶ୍ନର ଉତ୍ତର ଦିଅ । 3x5=15

(କ) 'ଉତ୍କଳ ସନ୍ତାନ' କବିତା ଲେଖିବାରେ କବିଙ୍କର କି ଅଭିପ୍ରାୟ ରହିଛି ?
(ଖ) 'ଗ୍ରାମପଥ' କବିତାରୁ ଗ୍ରାମ୍ୟଚିତ୍ର ବର୍ଣ୍ଣନା କର ।
(ଗ) 'ଶେଫାଳୀପ୍ରତି' କବିତାରୁ କବିଙ୍କର ବିଭୁଭକ୍ତିର ପରିଚୟ ଦିଅ ।
(ଘ) ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?
(ଙ) ଆଜିର ସମୟରେ ଗାଁରେ ବଞ୍ଚିବାରେ ସାର୍ଥକତା ନାହିଁ କାହିଁକି ?
(ଚ) ଶ୍ରମିକମାନେ ସମସ୍ତେ ସମାନ ବୋଲି କେମିତି ବୁଝିଥିଲେ ?
(ଛ) 'ଆସିବା ଜନର ସାକ୍ଷୀ ଏଇପଥ, ଫେରିବା ଜନର ବନ୍ଧୁ' - ଉକ୍ତିଟିର ଯଥାର୍ଥତା ଉଲ୍ଲେଖ କର ।

## ବିଭାଗ - ଙ

9. ଜୀବନର ଲକ୍ଷ୍ୟ ବର୍ଣ୍ଣନା କରି ପିତାଙ୍କ ନିକଟକୁ ପତ୍ର ଲେଖ । 1x4=4

**କିମ୍ବା**

ତୁମେ ଦେଖିଥିବା ଆଦିବାସୀ ମେଳାର ବର୍ଣ୍ଣନା କରି ଦୂରରେ ଥିବା ଜଣେ ବନ୍ଧୁଙ୍କ ପାଖକୁ ପତ୍ର ଲେଖ ।

10. ତୁମ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ । 1x5=5

**କିମ୍ବା**

ସଂକ୍ରାମକ ରୋଗର ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

11. ଗାଁ ଅପେକ୍ଷା ସହର ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ବିଚାର କର । 1x6=6

**କିମ୍ବା**

ଛାତ୍ର ବିଶୃଙ୍ଖଳା : କାରଣ ଓ ନିରାକରଣ ଉପରେ ଏକ ପ୍ରବନ୍ଧ ଲେଖ ।

**କିମ୍ବା**

'ଜୀବନୀ ପାଠର ଆବଶ୍ୟକତା' ଉପରେ ଏକ ପ୍ରବନ୍ଧ ଲେଖ ।

- o O o -



Unnati Educations
9899436384, 9654279279